ଶ୍ରୀମତୀ ବିସମିଲ୍ଲାହ ବେଗମ୍ (ମୃତ) ଆଇନଗତ ପ୍ରତିନିଧିଙ୍କ ଦ୍ୱାରା

ବନାମ

ରଚିତ ରହମତୁଲ୍ଲା ଖାନ (ମୃତ) ଆଇନଗତ ପ୍ରତିନିଧିଙ୍କ ଦ୍ୱାରା

ଜାନୁଆରୀ 21,1998

[ଏସ୍. ବି. ମଜମୁଦାର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ, 1963— ଧାରା 16 (C)— ବିକ୍ରୟ କବଲା କାର୍ଯ୍ୟକାରିତା— ପୁନଃ ହସ୍ତାନ୍ତର ଚୁକ୍ତି— ଯଦି ତିନି ବର୍ଷ ମଧ୍ୟରେ ବିନିମୟ ରାଶି ପରିଶୋଧ କରାଯାଇଛି, ବାଦୀ ସମ୍ପତ୍ତି ଫେରସ୍ତ ପାଇବାକୁ ହକଦାର— ପୁନଃ ହସ୍ତାନ୍ତର ପାଇଁ ମକଦ୍ଦମା— ଏହି ଆଧାରରେ ଖାରଜ ହୋଇଛି ଯେ ବାଦୀ ନିର୍ଦ୍ଧାରିତ ଅବଧି ମଧ୍ୟରେ ପରିଶୋଧ କରିବାରେ ବିଫଳ ହୋଇଥିଲେ— ଆବେଦନରେ— ନିର୍ଣ୍ଣୟ ହୋଇଛି, ସ୍ଥାବର ସମ୍ପତ୍ତିର ପୁନଃ ହସ୍ତାନ୍ତର ସମ୍ବନ୍ଧୀୟ ଚୁକ୍ତିର ପ୍ରମୁଖତା ହେଉଛି ସମୟ— ନିର୍ଦ୍ଧାରିତ ଅବଧି ମଧ୍ୟରେ ପରିମାଣ ପ୍ରଦାନ କରାଯାଇନାହିଁ— ପୁନଃ ହସ୍ତାନ୍ତର ବିକଳ୍ପ ସମାପ୍ତ ହୋଇଛି ।*

**ଆବେଦନକାରୀମାନେ ମୃତ ବାଦୀଙ୍କ ଆଇନଗତ ପ୍ରତିନିଧି ଥିଲେ, ଯିଏ କିଛି ନିର୍ଦ୍ଦିଷ୍ଟ ମୂଲ୍ୟ ବିନିମୟରେ ମୃତ ପ୍ରତିବାଦୀଙ୍କ ସପକ୍ଷରେ ଏକ ବିକ୍ରୟ ଦଲିଲ ସମ୍ପାଦନ କରିଥିଲେ । ଏଥି ସହିତ ପ୍ରତିବାଦୀଙ୍କ ଠାରୁ ପୁନଃ ହସ୍ତାନ୍ତର କରିବାର ଏକ ଚୁକ୍ତିନାମା ପ୍ରାପ୍ତ ହୋଇଥିଲା ଯେଉଁଥିରେ ସର୍ତ୍ତ ରଖାଯାଇଥିଲା ଯେ ଯଦି ବାଦୀ ତିନି ବର୍ଷର ଅବଧି ମଧ୍ୟରେ ବିନିମୟ ରାଶି ପରିଶୋଧ କରନ୍ତି, ତେବେ ସେ ସମ୍ପତ୍ତି ଫେରସ୍ତ ପାଇବାକୁ ହକଦାର ହୋଇପାରିବେ । ବାଦୀଙ୍କ ଦ୍ୱାରା ପୁନଃ ହସ୍ତାନ୍ତର ପାଇଁ ଏକ ମକଦ୍ଦମା ଦାୟର କରାଯାଇଥିଲା । ଉକ୍ତ ମକଦ୍ଦମାକୁ ଏହି ଆଧାରରେ ଖାରଜ କରାଯାଇଥିଲା ଯେ, ପୁନଃ ହସ୍ତାନ୍ତର ଚୁକ୍ତିନାମାରେ ଧାର୍ଯ୍ୟ କରାଯାଇଥିବା ସମୟ ମଧ୍ୟରେ ବାଦୀ ନିଜ ଚୁକ୍ତିର ସର୍ତ୍ତ ପୂରଣ କରିବା ପାଇଁ ଇଚ୍ଛୁକ ନଥିଲେ । ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିବା ଆବେଦନ ମଧ୍ୟ ଖାରଜ ହୋଇଥିଲା । ତେଣୁ ବର୍ତ୍ତମାନର ଏହି ଆବେଦନ ।**

**ଆବେଦନକାରୀଙ୍କ ଯୁକ୍ତି ଥିଲା ଯେ ସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଚୁକ୍ତିନାମାଗୁଡ଼ିକରେ ସମୟ ସୀମା ଚୁକ୍ତିର ମୂଳ ସର୍ତ୍ତଠାରୁ ପ୍ରମୁଖ ଅଂଶ ନଥିଲା ।**

**ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ସ୍ଥାବର ସମ୍ପତ୍ତିର ପୁନଃ ହସ୍ତାନ୍ତର ସମ୍ବନ୍ଧୀୟ ଚୁକ୍ତିନାମାରେ ସମୟ ସର୍ବଦା ସବୁଠାରୁ ପ୍ରମୁଖ ସର୍ତ୍ତ ଅଟେ । ତେଣୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ଅର୍ଥରାଶି ପ୍ରଦାନ କରାଯାଇନଥିବାରୁ, ବାଦୀଙ୍କ ସପକ୍ଷରେ ପୁନଃ ହସ୍ତାନ୍ତର ବିକଳ୍ପ ସମାପ୍ତ ହୋଇଛି ବୋଲି ବିବେଚନା କରାଯିବା ଉଚିତ ।**

*ଶାନମୁଗମ ପିଲ୍ଲାଇ ଏବଂ ଅନ୍ୟମାନେ ବନାମ ଅନ୍ନାଲକାଶ୍ମୀ ଅମ୍ମଲ ଏବଂ ଅନ୍ୟମାନେ,* **ଏଆଇଆର (1950) ଏଫସି 38** *ଏବଂ କାଲ୍ଟେକ୍ସ (ଇଣ୍ଡିଆ) ଲିମିଟେଡ ବନାମ ଭଗବାନ ଡେଭି ମରୋଡ଼ିଆ,* **ଏଆଇଆର୍ (1969) ଏସସି 405, ମାମଲା ଉପରେ ନିର୍ଭର କରାଯାଇଥିଲା ।**

*ଏ. ଏଚ୍. ମାମା ବନାମ ଫ୍ଲୋରା ସସୁନ୍,* **ଏଆଇଆର୍, (1928) ପିସି 208, ମାମଲା ପ୍ରୟୋଗ ଯୋଗ୍ୟ ନୁହେଁ ବୋଲି ନିର୍ଣ୍ଣୟ ହୋଇଛି ।**

**2. ବର୍ତ୍ତମାନ ମାମଲାରେ ଏଭଳି କୌଣସି ପ୍ରମାଣ ନାହିଁ ଯେ ପ୍ରତିବାଦୀଙ୍କର ବାଦୀଙ୍କ ପ୍ରତି ଥିବା କୌଣସି ମନୋଭାବ କାରଣରୁ ବାଦୀ, ପ୍ରତିବାଦୀଙ୍କୁ ଟଙ୍କା ପରିଶୋଧ କରିବାରେ ଅସମର୍ଥ ହୋଇଥିଲେ । ନିମ୍ନ ଅଦାଲତ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା**

**ଏହି ତଥ୍ୟ ଯେ, ବାଦୀ ବିକ୍ରି ମୂଲ୍ୟ ଟଙ୍କା ପ୍ରତିବାଦୀଙ୍କୁ ଦେବା ପାଇଁ କୌଣସି ଚେଷ୍ଟା କରିନାହାନ୍ତି, ଏହା ଏକ ତଥ୍ୟଗତ ନିଷ୍ପତ୍ତି ଅଟେ, ଯାହା ଦ୍ଵିତୀୟ ଆବେଦନ ଆଗତ କରିବା ସମୟରେ ବାଧ୍ୟତାମୂଳକ ଅଟେ ।**

*ମାଣିକ ଲାଲ ବନାମ ଶଙ୍କର ଲାଲ* **ଏଆଇଆର, (1962) କଲିକତା 103 ମାମଲାକୁ ବୈଶିଷ୍ଟ୍ୟତା ପ୍ରଦାନ କରାଯାଇଛି ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 2010/1980

17.9.79 ତାରିଖରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦ୍ଵିତୀୟ ଆବେଦନ ସଂଖ୍ୟା 2376/69 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି ।

ଜେ. ଏମ. ଖାନ୍ନା ଆବେଦନକାରୀଙ୍କ ପାଇଁ ।

ଅତୁଲ ଶର୍ମା, କେ. ସି. ଜୈନ ଏବଂ ଇ. ସି. ଅଗ୍ରୱାଲା ଉତ୍ତରଦାତାମାନଙ୍କ ପାଇଁ ।

ନ୍ୟାୟାଳୟର ରାୟ ପ୍ରଦାନ ଯାଇଥିଲା

**ନ୍ୟାୟମୂର୍ତ୍ତି ଏମ୍. ଜଗନ୍ନାଧ ରାଓଙ୍କ** ଦ୍ଵାରା । ଆବେଦନକାରୀମାନେ ହେଉଛନ୍ତି ମୃତ ବାଦୀଙ୍କ ଆଇନଗତ ପ୍ରତିନିଧି ।7.2.1958 ରେ ଏହି ମକଦ୍ଦମା ଦାଖଲ କରାଯାଇଥିଲା, ଯେଉଁଥିରେ 8.2.1955 ତାରିଖର ପୁନଃ ହସ୍ତାନ୍ତର ଚୁକ୍ତିର ନିର୍ଦ୍ଦିଷ୍ଟ କାର୍ଯ୍ୟକାରିତାକୁ ନିଷ୍ପାଦନ କରିବା ପାଇଁ ଅନୁରୋଧ କରାଯାଇଥିଲା ।

ଏହି ମାମଲାର ସଂକ୍ଷିପ୍ତ ତଥ୍ୟ ହେଉଛି ଯେ, ଆବେଦନକାରୀମାନଙ୍କର ପୂର୍ବପୁରୁଷ, ଯିଏ କି କାନପୁରରେ ଥିବା ବିବାଦୀୟ ଗୃହ ସମ୍ପତ୍ତିର ମାଲିକ ଥିଲେ, ସେ 8.2.1955 ମସିହାରେ ଏକ ପଞ୍ଜୀକୃତ ବିକ୍ରୟ ଦଲିଲ ମାଧ୍ୟମରେ ମାତ୍ର 2.000 ଟଙ୍କାରେ ଏହାକୁ ଏକମାତ୍ର ପ୍ରତିବାଦୀଙ୍କ ସପକ୍ଷରେ ବିକ୍ରି କରିଥିଲେ (ପ୍ରତିବାଦୀଙ୍କର ମଧ୍ୟ ଏହା ମଧ୍ୟରେ ମୃତ୍ୟୁ ହୋଇସାରିଛି) ଏବଂ ଏହା ସହିତ ସେହି ସମାନ ଦିନରେ ସେ ପ୍ରତିବାଦୀଙ୍କଠାରୁ ସମ୍ପତ୍ତିଟିକୁ ପୁନର୍ବାର ନିଜ ନାମକୁ ଫେରାଇ ଆଣିବା ପାଇଁ ଏକ ପୁନଃ ହସ୍ତାନ୍ତର ଚୁକ୍ତିନାମା ମଧ୍ୟ ହାସଲ କରିଥିଲେ । ଏଥିରୁ ଜଣାପଡୁଛି ଯେ, ସମ୍ପତ୍ତି ଫେରସ୍ତ ପାଇବା ପାଇଁ ହୋଇଥିବା ଉକ୍ତ ଚୁକ୍ତିନାମାରେ ଏହି ସର୍ତ୍ତ ରହିଥିଲା ଯେ, ଯଦି ବିକ୍ରେତା *3 ବର୍ଷ* ମଧ୍ୟରେ ବିକ୍ରି ବାବଦକୁ ମିଳିଥିବା ଟଙ୍କା ଏବଂ କ୍ରେତାଙ୍କ ଦ୍ଵାରା ମରାମତି ବାବଦରେ ଖର୍ଚ୍ଚ ହୋଇଥିବା ଅନ୍ୟାନ୍ୟ ଅର୍ଥ ଫେରସ୍ତ କରିବାକୁ ସକ୍ଷମ ହୁଅନ୍ତି, ତେବେ ବିକ୍ରେତା ସମ୍ପତ୍ତିଟିକୁ ଫେରସ୍ତ ପାଇବାକୁ ହକଦାର ହେବେ । ଉପରୋକ୍ତ ପୁନଃ ହସ୍ତାନ୍ତର ଚୁକ୍ତିନାମା ଆଧାରରେ ବିକ୍ରେତା 7.2.1958 ରେ ବର୍ତ୍ତମାନର ମକଦ୍ଦମା ଦାୟର କରିଥିଲେ ।

ନିମ୍ନ ଅଦାଲତରେ, ସମୟ ହିଁ ଚୁକ୍ତିର ସାରମର୍ମ ଥିଲା କି, ଏବଂ ବାଦୀ ଚୁକ୍ତିନାମାରେ ନିଜର ଦାୟିତ୍ୱ ତୁଲାଇବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ କି ନାହିଁ, ସେ ବିଷୟରେ ବିତର୍କ ହୋଇଥିଲା । ନିମ୍ନ ଅଦାଲତ ନିର୍ଣ୍ଣୟ ନେଇଛନ୍ତି ଯେ, ବାଦୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପୁନଃ ହସ୍ତାନ୍ତର ଚୁକ୍ତିନାମାରେ ଉଲ୍ଲେଖ ଥିବା ଅର୍ଥ ଫେରସ୍ତ କରିବାକୁ ପ୍ରସ୍ତାବ ଦେଇ ଚୁକ୍ତିନାମା ପାଳନ କରିବା ପାଇଁ ପ୍ରସ୍ତୁତ ଏବଂ ଇଚ୍ଛୁକ ନଥିଲେ । ଏହା ମଧ୍ୟ ନିର୍ଣ୍ଣୟ ହୋଇଛି ଯେ ସମୟ ହିଁ ଚୁକ୍ତିର ସାରମର୍ମ । ଯେତେବେଳେ ଏହି ମାମଲା ଉଚ୍ଚ ନ୍ୟାୟାଳୟରେ ଦ୍ଵିତୀୟ ଆବେଦନରେ ଆସିଥିଲା, ସେତେବେଳେ ଆବେଦନକାରୀ-ବିକ୍ରେତାଙ୍କ ପାଇଁ *ଏ. ଏଚ. ମାମା ବନାମ ଫ୍ଲୋରା ସସୁନ୍,* ଆଇଆର (1928) ପିସି 208 ମାମଲାରେ ଏକ ନିର୍ଣ୍ଣୟ ଉପରେ ନିର୍ଭର କରି ଯୁକ୍ତି କରାଯାଇଥିଲା ଯେ, ସେଠାରେ ସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ବିକ୍ରୟ ଚୁକ୍ତିରେ ସମୟ ଗୁରୁତ୍ୱପୂର୍ଣ୍ଣ ନଥିଲା । ତେବେ, ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ ନେଇଛନ୍ତି ଯେ ଅଭିଯୋଗ ପତ୍ରର ସୂକ୍ଷ୍ମ ଅନୁଧ୍ୟାନରୁ ଜଣାପଡି ନାହିଁ ଯେ ଚୁକ୍ତିନାମାର ନିଜ ଅଂଶକୁ ପାଳନ କରିବା ପାଇଁ ବାଦୀ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ ବୋଲି ତାଙ୍କ ପକ୍ଷରୁ କୌଣସି ଦୃଢ଼ୋକ୍ତି ଥିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଅଭିଯୋଗ ପତ୍ରରେ ଯୁକ୍ତି କରାଯାଇଥିଲା ଯେ, ବିକ୍ରେତା ଜଣକ ନିର୍ଦ୍ଧାରିତ ଅର୍ଥରାଶି ଗ୍ରହଣ କରିବା, ପୁନଃ ହସ୍ତାନ୍ତର ଦଲିଲ ସମ୍ପାଦନ କରିବା ଏବଂ ଏହାର ପଞ୍ଜୀକରଣ କରିବା ପାଇଁ ପ୍ରତିବାଦୀଙ୍କ ସହ ମୌଖିକ ଭାବରେ କେତେଥର କଥାବାର୍ତ୍ତା କରିଥିଲେ, କିନ୍ତୁ ବିକ୍ରେତା ପ୍ରତିବାଦୀଙ୍କ ସହ କେଉଁ କେଉଁ ତାରିଖରେ

କଥା ହୋଇଥିଲେ ସେହି ସବୁ ତାରିଖ ବିଷୟରେ କିଛି ଉଲ୍ଲେଖ କରାଯାଇ ନଥିଲା । ବାସ୍ତବରେ, ବାଦୀ କେବଳ 6.2.1958 ତାରିଖର ଏକ ଟେଲିଗ୍ରାମ ସୂଚନା ଉପରେ ନିର୍ଭର କରିଥିଲେ, ଯାହା ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା ଏବଂ କାର୍ଯ୍ୟାନୁଷ୍ଠାନର କାରଣ ସମ୍ବନ୍ଧୀୟ ପାରାରେ ପରିଶୋଧ କରିବାକୁ ପ୍ରସ୍ତାବ ଦେଇଥିଲା । ଉକ୍ତ ସୂଚନା ବ୍ୟତୀତ, ପୁନଃ ହସ୍ତାନ୍ତର ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ମୂଲ୍ୟ ଫେରସ୍ତ କରିବା ପାଇଁ ତିନି ବର୍ଷ ମଧ୍ୟରେ କୌଣସି ପ୍ରୟାସ କରାଯାଇଥିବା ଦର୍ଶାଇବାକୁ ଅନ୍ୟ କୌଣସି ଦଲିଲ୍‌ଗତ ପ୍ରମାଣ ନଥିଲା । ଉଚ୍ଚ ନ୍ୟାୟାଳୟ ଏହା ମଧ୍ୟ ପର୍ଯ୍ୟବେକ୍ଷଣ କରିଛନ୍ତି ଯେ, ବିକ୍ରେତାଙ୍କ ଦ୍ୱାରା କ୍ରେତାଙ୍କୁ 6.2.1958 ତାରିଖରେ ଦିଆଯାଇଥିବା ଉପରୋକ୍ତ ସୂଚନାଟି ତାଙ୍କର ସଠିକ୍ ଠିକଣାରେ ପଠାଯାଇନଥିଲା ଏବଂ ପ୍ରକୃତରେ ଏହା କ୍ରେତାଙ୍କ ପାଖରେ କେବେହେଲେ ପହଞ୍ଚି ନଥିଲା । ଏଭଳି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟ ଦ୍ୱିତୀୟ ଆବେଦନକୁ ଖାରଜ କରି କହିଛନ୍ତି ଯେ ଚୁକ୍ତିନାମା ଅନୁଯାୟୀ ନିଜ ପକ୍ଷର ଦାୟିତ୍ୱ ତୁଲାଇବା ପାଇଁ ବାଦୀଙ୍କ ପକ୍ଷରୁ କୌଣସି ପ୍ରସ୍ତୁତି କିମ୍ବା ଇଚ୍ଛା ଥିବା ନେଇ ଅଦାଲତରେ କୌଣସି ଯୁକ୍ତି କରାଯାଇ ନଥିଲା କିମ୍ବା କୌଣସି ପ୍ରମାଣ ଦିଆଯାଇ ନଥିଲା ।

ଏହି ଆବେଦନରେ, ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଯୁକ୍ତି କରିଥିଲେ ଯେ ସ୍ଥାବର ସମ୍ପତ୍ତିର ଚୁକ୍ତି ସମ୍ବନ୍ଧରେ ଚୁକ୍ତିର ସାରାଂଶ ସମୟ ନୁହେଁ ଏବଂ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବ୍ୟତୀତ ନିର୍ଦ୍ଧାରିତ ରାଶି ପ୍ରଦାନ କରିବା କିମ୍ବା ଅଦାଲତରେ ବିନିମୟ ରାଶି ଜମା କରିବା ମଧ୍ୟ ଆବଶ୍ୟକ ନୁହେଁ । ଏହା ଲକ୍ଷ୍ୟ କରାଯିବ ଯେ ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ, 1963 ର ଧାରା 16 (c) ରେ ବର୍ତ୍ତମାନ ସେହି ପ୍ରଭାବରେ ଏକ ପ୍ରାବଧାନକୁ ଅନ୍ତର୍ଭୁକ୍ତ କରାଯାଇଛି, କିନ୍ତୁ 1963 ଅଧିନିୟମ ପୂର୍ବରୁ ଏପରି କୌଣସି ବୈଧାନିକ ପ୍ରାବଧାନ ନଥିଲା । ଆବେଦନକାରୀଙ୍କ ବିଜ୍ଞ ଓକିଲ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଏକ ମାମଲା *ମାଣିକ ଲାଲ ବନାମ ଶଙ୍କର ଲାଲ,* ଏଆଇଆର (1962) କଲିକତା103 ର ସିଦ୍ଧାନ୍ତ ଉପରେ ମଧ୍ୟ ଭରସା କରିଥିଲେ ଯେ ଏହି ସିଦ୍ଧାନ୍ତ ଅନୁଯାୟୀ, ଯଦିଓ ଏକ ସମ୍ପତ୍ତିରେ ପୁନଃ ହସ୍ତାନ୍ତର ଚୁକ୍ତି ହୋଇଥାଏ, ତଥାପି ବିକ୍ରି ମୂଲ୍ୟ ଦେବାରେ ବିଳମ୍ବ ହେଲେ ବାଦୀ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନର ଅଧିକାର ହରାଇବେ, ଯଦି ସେହି ବିଳମ୍ବ, ପ୍ରତିବାଦୀର ଆଭିମୁଖ୍ୟ କିମ୍ବା ମନୋଭାବ ଯୋଗୁଁ ହୋଇଥାଏ ।

ଯଦିଓ ଏହା ଧରି ନିଆଯାଏ ଯେ କଲିକତା ଉଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ନିଷ୍ପତ୍ତି, ଆବେଦନକାରୀଙ୍କ ବିଦ୍ୱାନ ଓକିଲଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଯୁକ୍ତିକୁ ସମର୍ଥନ କରୁଛି, ତଥାପି ଏହା ଦେଖିବାକୁ ମିଳିବ ଯେ କଲିକତାର ଉପରୋକ୍ତ ମାମଲାରେ ନିଷ୍ପତ୍ତି ଏହା ଥିଲା ଯେ - ପ୍ରତିବାଦୀଙ୍କ ମନୋଭାବ ଯୋଗୁଁ ବାଦୀ, ଚୁକ୍ତିନାମାରେ ନିଜର ଦାୟିତ୍ୱ ସମ୍ପାଦନ କରିବାକୁ ଅସମର୍ଥ ହୋଇଥିଲେ । କିନ୍ତୁ ଆମ ସମ୍ମୁଖରେ ଥିବା ବର୍ତ୍ତମାନର ମାମଲାରେ ଏପରି କୌଣସି ପ୍ରମାଣ ନାହିଁ ଯେ, ପ୍ରତିବାଦୀଙ୍କର ବାଦୀଙ୍କ ପ୍ରତି ଥିବା କୌଣସି ମନୋଭାବ ଯୋଗୁଁ ବାଦୀ, ପ୍ରତିବାଦୀଙ୍କୁ ଅର୍ଥ ପରିଶୋଧ କରିବାରେ ଅସମର୍ଥ ହୋଇଥିଲେ । ଯେପରି ପୂର୍ବରୁ କୁହାଯାଇଛି, ନିମ୍ନ ଅଦାଲତ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଏହି ତଥ୍ୟ ଯେ ବାଦୀ ବିକ୍ରି ମୂଲ୍ୟ ପ୍ରତିବାଦୀଙ୍କୁ ଦେବା ପାଇଁ କୌଣସି ଚେଷ୍ଟା କରିନାହାନ୍ତି, ତାହା ହେଉଛି ଏକ ତଥ୍ୟଗତ ନିଷ୍ପତ୍ତି ଏବଂ ଏହା ଦ୍ୱିତୀୟ ଅବେଦନରେ ବାଧ୍ୟତାମୂଳକ ଅଟେ ।

ଆମେ ଏହା ମଧ୍ୟ ଯୋଡ଼ିପାରିବା ଯେ, ସମ୍ପତ୍ତିର ପୁନଃ ହସ୍ତାନ୍ତର ସମ୍ବନ୍ଧୀୟ ଚୁକ୍ତିନାମାରେ ସମୟ ସର୍ବଦା ଚୁକ୍ତିର ଏକ ପ୍ରମୁଖ ଉପାଦାନ ଅଟେ, ଯେପରି କି ସଂଘୀୟ ନ୍ୟାୟାଳୟ, *ସନମୁଗମ୍ ପିଲ୍ଲାଇ ଏବଂ ଅନ୍ୟମାନେ ବନାମ ଅନ୍ନଲକ୍ଷ୍ମୀ ଅମ୍ମାଲ୍ ଏବଂ ଅନ୍ୟମାନେ,* ଏଆଇଆର (1950) ଏଫସି 38 ମାମଲାରେ ଏବଂ ଏହି ମାନ୍ୟବର ନ୍ୟାୟାଳୟ ମଧ୍ୟ *କାଲଟେକ୍ସ ଇଣ୍ଡିଆ ଲିମିଟେଡ୍ ବନାମ ଭଗବାନ ଦେବୀ ମାରୋଡିଆ,* ଏଆଇଆର (1969) ଏସସି 405 ମାମଲାରେ ନିର୍ଦ୍ଧାରଣ କରିଛନ୍ତି । ପାରା 3 ର ପୃଷ୍ଠା 407 ରେ ଥିବା *କାଲ୍ଟେକ୍ସ (ଇଣ୍ଡିଆ) ଲିମିଟେଡ* ମାମଲାରେ ଏହି ନ୍ୟାୟାଳୟଙ୍କ ରାୟର ପ୍ରାସଙ୍ଗିକ ଅଂଶକୁ ଏହିପରି ପାଠ କରାଯାଏ:

> "ସାଧାରଣ ନିୟମ ଅନୁଯାୟୀ, ଜମିର ଦଖଲ ମିଆଦି ଅନୁମତି ପତ୍ର ନବୀକରଣ କରିବା ପାଇଁ ଦିଆଯାଇଥିବା ବିକଳ୍ପ ଚୁକ୍ତିରେ ସମୟ ସୀମାକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଏ, ଚୁକ୍ତିପତ୍ରରେ ଏହା ସ୍ପଷ୍ଟ ଭାବେ ଲେଖାଯାଇ ନଥିଲେ ମଧ୍ୟ ଏହାକୁ ଏକ ଅପରିହାର୍ଯ୍ୟ ପୂର୍ବ ସର୍ତ୍ତ ଭାବେ ଗ୍ରହଣ କରାଯାଏ । ଏଭଳି ଚୁକ୍ତିନାମା ମାମଲାରେ ନିରପେକ୍ଷତା ସାଧାରଣ ଆଇନର ନିୟମକୁ ଅନୁସରଣ କରିଥିଲା ଏବଂ ସମୟ ସୀମାର ସର୍ତ୍ତକୁ ଚୁକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବିବେଚନା କରିନଥିଲା । ଯେପରି ଇଂଲଣ୍ଡର ହାଲସବରୀଙ୍କ ଆଇନର 3ୟ ସଂସ୍କରଣ. ଭାଗ 3, ପାରା 281. ପୃ. 165:

ରେ ଉଲ୍ଲେଖ କରାଯାଇଛି । *"ଦଖଲ ମିଆଦି ଅନୁମତି ପତ୍ର ନବୀକରଣ, କିମ୍ବା ସମ୍ପତ୍ତି କ୍ରୟ କିମ୍ବା ପୁନଃ ହସ୍ତାନ୍ତର ପାଇଁ ଏକ ବିକଳ୍ପକୁ, ସମସ୍ତ କ୍ଷେତ୍ରରେ ଏହି ଉଦ୍ଦେଶ୍ୟରେ ସୀମିତ ସମୟ ମଧ୍ୟରେ କଠୋର ଭାବରେ ପ୍ରୟୋଗ କରାଯିବା ଆବଶ୍ୟକ, ନଚେତ୍ ଏହା ସମାପ୍ତ ହୋଇଯିବ ।"* ଏହି ପାରାଟି *ହରେ ବନାମ ନିକୋଲ,* (1966-2) କ୍ୟୁବି 130,145 ମାମଲାରେ ଡାନ୍କୱେର୍ଟସ୍ ଏଲ୍. ଜେ. ଙ୍କ ଅନୁମୋଦନ ସହିତ ଉଲ୍ଲେଖ କରାଯାଇଥିଲା । ଏହିପରି ଏକ ସମାନ ଆଇନଗତ ବିବୃତି ଫୋଆସ୍ ଜେନେରାଲ୍ ଲ' ଅଫ୍ ଲ୍ୟାଣ୍ଡଲର୍ଡ ଆଣ୍ଡ ଟେନାଣ୍ଟ, ଅଷ୍ଟମ ସଂସ୍କରଣ, ଆର୍ଟିକଲ୍ 453 ପୃଷ୍ଠା 310 ଏବଂ ହିଲ୍ ଆଣ୍ଡ ରେଡମ୍ୟାନ୍ସ ଲ' ଅଫ୍ ଲ୍ୟାଣ୍ଡଲର୍ଡ ଆଣ୍ଡ ଟେନାଣ୍ଟ, 14 ତମ ସଂସ୍କରଣ, ପୃଷ୍ଠା 54 ପୁସ୍ତକରେ ଦେଖିବାକୁ ମିଳେ । ଏହାର କାରଣ ହେଉଛି ଯେ, ଏକ ଦଖଲ ମିଆଦି ଅନୁମତି ପତ୍ରର ନବୀକରଣ ହେଉଛି ଏକ ବିଶେଷ ସୁବିଧା ଏବଂ ଯଦି ଭଡ଼ାଟିଆ ସେହି ସୁବିଧା ଦାବି କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ସେହି ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ହୋଇଥିବା ସମୟ ସୀମା ମଧ୍ୟରେ ହିଁ କଠୋର ଭାବରେ ତାହା କରିବାକୁ ପଡ଼ିବ ।"

ଉପରୋକ୍ତ ପାରା ଉଭୟ ନବୀକରଣ ଏବଂ ପୁନର୍ବାର କ୍ରୟ କରିବା ବିକଳ୍ପକୁ ବୁଝାଉଛି, ଯେଉଁଠାରେ ସ୍ଥାବର ସମ୍ପତ୍ତି ସମ୍ପର୍କିତ ଆଇନଗତ ମାମଲାରେ ସମୟ, ଚୁକ୍ତିର ସବୁଠାରୁ ପ୍ରମୁଖ ଉପାଦାନ ଅଟେ । ତେଣୁ ସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ପୁନଃ ହସ୍ତାନ୍ତର ଚୁକ୍ତି ସମ୍ବନ୍ଧରେ, *ଏ. ଏଚ୍. ମାମା ବନାମ ଫ୍ଲୋରା ସସୁନ୍,* ଏଆଇଆର୍ (1928) ପିସି 208 ମାମଲାରେ ନିର୍ଦ୍ଧାରିତ ନୀତି- ଯାହା ସାଧାରଣତଃ ସ୍ଥାବର ସମ୍ପତ୍ତି ସମ୍ବନ୍ଧୀୟ ଚୁକ୍ତିରେ, ସମୟକୁ ଚୁକ୍ତିର ମର୍ମ ଭାବେ ଲାଗୁ କରାଯାଏ ନାହିଁ । ବାସ୍ତବରେ, *କାଲ୍ଟେକ୍ସ (ଇଣ୍ଡିଆ) ଲିମିଟେଡ* ମାମଲାରେ ଏହାପରି ପର୍ଯ୍ୟବେକ୍ଷଣ ହୋଇଛି । ପୁନଃ ହସ୍ତହାନ୍ତର ଚୁକ୍ତି ସମ୍ବନ୍ଧୀୟ ଏହି ନ୍ୟାୟାଳୟଙ୍କ ଉପରୋକ୍ତ ନିର୍ଣ୍ଣୟକୁ ଦୃଷ୍ଟିରେ ରଖି, ଏବଂ ଯେହେତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଶି ପ୍ରଦାନ କରାଯାଇ ନାହିଁ, ବାଦୀଙ୍କ ସପକ୍ଷରେ ଉକ୍ତ ବିକଳ୍ପଟି "ସମାପ୍ତ" ବୋଲି ବିବେଚନା କରାଯିବା ଆବଶ୍ୟକ । ଉପରୋକ୍ତ କାରଣରୁ, ଆବେଦନଟି ବିଫଳ ହୋଇଛି ଏବଂ ଏହାକୁ ଖାରଜ କରାଯାଇଛି । ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

ଏସ୍. ଭି. କେ. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।